# ଆର୍ନ୍ତଜାତୀୟ ମୃତ୍ତିକା ବର୍ଷର ଅନୁଚିନ୍ତା

ଦିଲ୍ଲୀପ ରଞ୍ଜନ ଷଡଙ୍ଗୀ, ରଞ୍ଜନ କୁମାର ମହାନ୍ତ, ସୁଜାତା ସେଠୀ,
ଶିବ ମଙ୍ଗଳ ପ୍ରସାଦ, ମନିଷ ଚୌରାସିଆ, ଅମରେଶ କୁମାର ନାୟକ

ଆମ ସଂସ୍କୃତି ଓ ସଭ୍ୟତା ମୃତ୍ତିକା ବା ମାଟି ସହିତ ବେଶ ଅଙ୍ଗାଙ୍ଗୀ ଭାବେ ଜଡିତ । ମୃତ୍ତିକାକୁ ଜାଣିବା ଓ ଏହାର ସୁପରିଚାଳନା କରି ଫସଲ ଉତ୍ପାଦନ କରିବା ତଥା ମାଟିର ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା "ବିଶ୍ୱ ମୃତ୍ତିକା ଦିବସ" ଓ "ଆର୍ନ୍ତଜାତୀୟ ମୃତ୍ତିକା ବର୍ଷ"ର ଆଭିମୁଖ୍ୟ । ମୃତ୍ତିକା ଏକ ଜୀବନ୍ତ ବସ୍ତୁ । ବିଶ୍ୱ ଜୈବ ବିବିଧତାର ଏକ ଚତୁର୍ଥାଂଶ ମୃତ୍ତିକାରେ ହିଁ ଥାଏ । ଏହାର ସଠିକ୍ ପରିଚାଳନା ଦ୍ୱାରା ଏହାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସୁସ୍ଥ ରଖା ଯାଇ ପାରିବା ସହିତ ଏହାର ଜୈବ ବିବିଧତାକୁ ମଧ୍ୟ ଅତୁଟ ରଖା ଯାଇ ପାରିବ । ମାଟିର ସ୍ୱାସ୍ଥ୍ୟ ମାଟିର ଭୌତିକ, ରସାୟନିକ ଓ ଜୈବିକ ଗୁଣଦ୍ୱାରା ପ୍ରଭାବିତ ହୋଇଥାଏ । ଖାଦ୍ୟ ଉତ୍ପାଦନ ମୃତ୍ତିକାରୁ ଆରମ୍ଭ । ଫସଲ ଉତ୍ପାଦନ ପାଇଁ ଆବଶ୍ୟକ ପୋଷକ ତତ୍ତ୍ୱ, ପାଣି, ପବନ ଏବଂ ଜୈବ ଅଙ୍ଗାରକ ସାଧାରଣତଃ  ମୃତ୍ତିକା ଦ୍ୱାରା ହିଁ ମିଳିଥାଏ । ଉତ୍ପାଦର ଗୁଣବତ୍ତା ମୃତ୍ତିକାର ଗୁଣବତ୍ତା ଦ୍ୱାରା ପ୍ରଭାବିତ ହୋଇଥାଏ । ମାଟିର ସ୍ୱାସ୍ଥ୍ୟକୁ ଠିକ୍ ରଖାଗଲେ ମାଟିରେ ପ୍ରୟୋଗ କରାଯାଉଥିବା ଖାଦ୍ୟସାର ଗଛ ଠିକ୍‌ଭାବେ ପାଇଥାଏ ଓ ଗଛର ବୃଦ୍ଧି ତଥା ଅମଳ ଭଲ ହୋଇଥାଏ । ତେଣୁ କୌଣସି ଫସଲ ଚାଷ କରିବା ପୂର୍ବରୁ ମାଟିର ପରୀକ୍ଷାକରି ମାଟିର ସ୍ୱାସ୍ଥ୍ୟ ବିଷୟରେ ଜାଣି ଖାଦ୍ୟସାର ପ୍ରୟୋଗ କରିବା ଜରୁରୀ ।



## କ'ଣ ଓ କାହିଁକି?

ମୃତ୍ତିକା ଏକ ପ୍ରାକୃତିକ ସମ୍ବଳ । ଏହା ଅନ୍ୟ ପ୍ରାକୃତିକ ସମ୍ବଳ ଯଥା ପେଟ୍ରୋଲିୟମ୍ ଏବଂ ଗ୍ୟାସ୍ ଭଳି ନବୀକରଣ ଯୋଗ୍ୟ ନୁହେଁ । ଏକ ସେ.ମି. ମୃତ୍ତିକାର ସୃଷ୍ଟି ପାଇଁ ଶହ ଶହ ବର୍ଷ ଲାଗୁଥିବା ବେଳେ ଏହା ଆମର ଅଜ୍ଞତା ଓ ପରିଚାଳନାଗତ ତୃଟି ହେତୁ ଏକ ବର୍ଷରୁ କମ୍ ସମୟରେ ନଷ୍ଟ ହୋଇଥାଏ । ସେଥିପାଇଁ ମିଳିତ ଜାତିସଂଘର ୬୮ତମ ସାଧାରଣ ଅଧିବେଶନରେ ୨୦୧୫ ବର୍ଷକୁ 'ଅନ୍ତର୍ଜାତୀୟ ମୃତ୍ତିକା ବର୍ଷ' ବୋଲି ଘୋଷଣା କରାଯାଇଛି । ମାଟିର ଗୁରୁତ୍ୱଉପରେ ଥାଇଲାଣ୍ଡର ରାଜା ଭୁନ୍‌ଜବଳ ଅଦୁଲ୍ୟଦେଜ ପ୍ରଥମେ ଅନୁମୋଦନ କରିଥିବାରୁ ତାଙ୍କର ଜନ୍ମଦିନକୁ (ଡିସେମ୍ବର ୫) ପ୍ରତିବର୍ଷ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରାଯାଏ ।

ଭୂମି, ମୃତ୍ତିକା ଉର୍ବରତା, ଖାଦ୍ୟ ନିରାପତ୍ତା ଏବଂ ପରିବେଶ ସୁରକ୍ଷା ଉପରେ ବିଭିନ୍ନ କାର୍ଯ୍ୟକ୍ରମ କରାଇ ମୃତ୍ତିକାର ଗୁରୁତ୍ୱପୂର୍ଣ ଭୂମିକା ବିଷୟରେ ସଚେତନତା ସୃଷ୍ଟି ଏହାର ମୁଖ୍ୟ ଲକ୍ଷ୍ୟ । ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ଅନୁଷ୍ଠାନ (FAO) ଏବଂ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ସଂସ୍ଥାନ ଡିସେମ୍ବର ୫, ୨୦୧୪ରୁ 'ଅନ୍ତର୍ଜାତୀୟ ମୃତ୍ତିକା ବର୍ଷ' ପାଳନ ଆରମ୍ଭ ହୋଇ ଡିସେମ୍ବର ୫, ୨୦୧୫ ପର୍ଯ୍ୟନ୍ତ ମୃତ୍ତିକା ଉର୍ବରତା ଓ ଖାଦ୍ୟ ନିରାପତ୍ତା ବିଷୟରେ ସଚେତନତା କରିବାପାଇଁ ଗୁରୁ ଭାର ନେଇଛନ୍ତି ।

## ମୃତ୍ତିକା କ୍ଷୟ ଓ ଅସନ୍ତୁଳନର କାରଣ

ଜନସଂଖ୍ୟା ବୃଦ୍ଧି ବହୁତ ଦୃତଗତିରେ ହେଉଥିବାରୁ ଉତ୍ପାଦନ ବୃଦ୍ଧି ପାଇଁ ଚାପ ପଡୁଛି । ରସାୟନିକ ସାର ଓ କୀଟନାଶକର ବହୁଳ ତଥା ଅସନ୍ତୁଳିତ ପ୍ରୟୋଗ ଦ୍ୱାରା ପରିବେଶ ପ୍ରଦୁଷଣ ହେବା ସହିତ ମୃତ୍ତିକା ସ୍ୱାସ୍ଥ୍ୟରେ ମଧ୍ୟ କ୍ରମାଗତ ଅବନତି ପରିଲକ୍ଷିତ ହେଉଛି । ମାଟିରେ ଥିବା ଜୀବଙ୍କ ମଧ୍ୟରୁ ଅନେକ ମରି ଯିବାରୁ ମାଟିରେ ପବନ, ଜଳ, ଖାଦ୍ୟସାର ତଥା ଜୀବଜନ୍ତୁଙ୍କ ମଧ୍ୟରେ ସନ୍ତୁଳନ ରହୁ ନାହିଁ । ଏହାଛଡା ଗହୀର ଚାଷ, ହିଡର ଅଭାବ, ଗଛ ତଥା ଜଙ୍ଗଲ କମ୍ ହେବାରୁ ମୃତ୍ତିକା କ୍ଷୟ ବଢୁଛି । କ୍ରମାଗତ ଭାବେ ଚାଷ କରିବା ତଥା ଜୈବସାରର କମ ପ୍ରୟୋଗ ହେଉଥିବାରୁ ଚାଷଜମିରେ ଅଙ୍ଗାରକର ପରିମାଣ କମ୍ ହୋଇଥାଏ । ମାଟିରେ ଅମ୍ଳ ଅଧିକ ହେଲେ ମାଟି ଟାଣ ହୋଇଯାଏ, ଜଳ ଧାରଣ ଶକ୍ତି କମିଯାଏ ଏବଂ ଗଛ ମାଟିରୁ ଆବଶ୍ୟକ ଉପାଦାନ ସହଜରେ ପାଇ ନ ଥାଏ । ଏହାଛଡା ରୋଗପୋକ ଅଧିକ ହୁଏ  ଓ ଫସଲର ଉତ୍ପାଦନ କମିଥାଏ ।

ପରୀକ୍ଷାରୁ ଜଣାଯାଏ ଯେ ଆମ ଜିଲ୍ଲାର ବହୁତ ସ୍ଥାନର ମାଟିରେ ଜିଙ୍କ୍ ଓ ବୋରନ୍‌ର ଅଭାବ ରହିଛି । ଏହାଛଡା ବିଭିନ୍ନ ସର୍ଭେ ଓ ପରୀକ୍ଷାରୁ ଜଣାଯାଇଛି ଯେ କୃଷକମାନେ ଯବକ୍ଷାରଜାନ ସାରର ପ୍ରୟୋଗ ଆବଶ୍ୟକତାଠାରୁ ଅଧିକ କରୁଥିବାସ୍ଥଳେ ପଟାସ୍ ଓ ଫସଫରସ୍ ଦରକାରଠାରୁ କମ୍ ପରିମାଣରେ ବ୍ୟବହାର କରୁଛନ୍ତି । ତେଣୁ ମାଟିର ପରୀକ୍ଷା କରି ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ କରନ୍ତୁ । ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡରେ ମାଟିର ଅମ୍ଳତା, ଯବକ୍ଷାରଜାନ, ଫସଫରସ, ପଟାସ୍, ସଲଫର, ଜିଙ୍କ, ବୋରନ, ଲୌହ, ମାଙ୍ଗାନିଜ, ତମ୍ବା ତଥା ଜୈବିକ କାର୍ବନ/ଅଙ୍ଗାରକ ପରିମାଣ ଦିଆଯିବା ସହିତ ବିଭିନ୍ନ ଚାଷପାଇଁ ଖାଦ୍ୟସାର କେତେ ଦେବାକୁ ପଡିବ ତାହା ଅନୁମୋଦନ କରାଯାଏ ।



## ମୃତ୍ତିକା ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ କିଛି ଉପଦେଶ

ମା'ର ସ୍ୱାସ୍ଥ୍ୟ ଠିକ୍ ରହିଲେ ପିଲାର ସ୍ୱାସ୍ଥ୍ୟ ଠିକ୍ ରହିଥାଏ, ସେହିପରି ମାଟିର ସ୍ୱାସ୍ଥ୍ୟ ଠିକ୍ ରହିଲେ ଫସଲ ଭଲ ହୋଇଥାଏ । ନ ହେଲେ କିଛି ବର୍ଷ ମଧ୍ୟରେ ମାଟିର ଉର୍ବରତା ନଷ୍ଟ ହୋଇଥାଏ, ଏବଂ ମରୁଭୂମି ଭଳି ପରିବେଶ ସୃଷ୍ଟି ହୋଇଥାଏ । ଏବେଠାରୁ ସଚେତନ ନ ହେଲେ ଆମର ଭବିଷ୍ୟତ ବଂଶଧର ସୁରକ୍ଷିତ ରହି ପାରିବେ ନାହିଁ । ତେଣୁ ଆମେ ନିମ୍ନଲିଖିତ ବୈଜ୍ଞାନିକ ଉପଦେଶକୁ ଜାଣି କାର୍ଯ୍ୟରେ ଲଗାଇବା ଦରକାର ।




- ଫସଲ ମାଟିର ଖାଦ୍ୟସାର ନେଇ ସୂର୍ଯ୍ୟକିରଣ ଓ ପତ୍ରର ସବୁଜକଣିକା ଦ୍ୱାରା ଖାଦ୍ୟ ପ୍ରସ୍ତୁତ କରି ଗଛର ବିଭିନ୍ନ ଅଂଶକୁ ପଠାଇବା ଦ୍ୱାରା ଗଛ ବଢେ ତଥା ଫୁଲ ଓ ଫଳ ଧରିଥାଏ । ତେଣୁ କୌଣସି ଫସଲରୁ ଅଧିକ ଅମଳ ପାଇବାକୁ ହେଲେ ମାଟିର ପରୀକ୍ଷା କରି ଦରକାରୀ ଖାଦ୍ୟସାର ଯଥାର୍ଥ ପରିମାଣ ତଥା ସଠିକ୍ ଅନୁପାତରେ ଦିଅନ୍ତୁ ।
- ଘର ପଛ ପଟେ ଏକ କମ୍ପୋଷ୍ଟ ବା ଖତଗଦା ସୃଷ୍ଟି କରିବା ନିହାତି ଜରୁରୀ । ଖତ ପ୍ରୟୋଗ କରି ମୃତ୍ତିକାରେ ଜୈବିକ ଅଂଶର ମାତ୍ରା ବୃଦ୍ଧି କରନ୍ତୁ । ଘରୁ ନିର୍ଗତ ଆବର୍ଜନାକୁ ସେହି ଖତଗଦାରେ ସାଇତି ରଖାଯାଇପାରିଲେ ତାହା ପରବର୍ତ୍ତୀ ସମୟରେ ଜୈବିକ ସାରରେ ରୂପାନ୍ତରିତ ହୋଇ ମାଟିର ଉର୍ବରତା ବଢାଇବାରେ ସାହାଯ୍ୟ କରିପାରିବ । କୃଷି ପାଇଁ ଗୋପାଳନକୁ ନିଶ୍ଚିତ କରାଯାଇପାରିଲେ ଜୈବିକ ଖତ ନିରନ୍ତର ଉପଲବ୍ଧ ହୋଇପାରିବ । ଫଳରେ ରାସାୟନିକ ସାର କିଣା ଖର୍ଚ୍ଚାନ୍ତରୁ କୃଷକକୁ ଅନେକାଂଶରେ ତ୍ରାହି ମିଳିପାରନ୍ତା, ଅନ୍ୟପଟେ ଜୈବିକ ଖତ ପ୍ରୟୋଗ ଦ୍ୱାରା ଉତ୍ପାଦିତ ଶସ୍ୟର ଗୁଣବତ୍ତା ଓ ମାନ ଉତ୍ତମ ହୋଇପାରନ୍ତା ।
- ମୃତ୍ତିକାର ତଳ ଓ ଉପର ଭାଗରେ ଜୈବ ବିବିଧତାକୁ ଉତ୍ସାହିତ କରିବା ନିହାତି ଜରୁରୀ । ଫିମ୍ପି ସହ ମୃତ୍ତିକାରେ ଉପସ୍ଥିତ ଅଣୁଜୀବଜନିତ ଜୀବନ୍ତ ପରିବେଶକୁ ସୁରକ୍ଷା ଓ ସମର୍ଥନ ଦେବା ଦରକାର । ଏଥିପାଇଁ ଜୈବିକ ବା ଜୀବାଣୁ ସାରର ବ୍ୟବହାର ବୃଦ୍ଧି କରନ୍ତୁ ତଥା ଯଥାସମ୍ଭବ ଜୈବିକ କୀଟନାଶକ ବ୍ୟବହାର କରନ୍ତୁ । ଏହାଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟ ଦୀର୍ଘଦିନ ପର୍ଯ୍ୟନ୍ତ ଉତ୍ତମ ରହିପାରିବ ।
- ଅଧିକ ବୃକ୍ଷରୋପଣ କରି ଅଥବା ଫସଲ ଚାଷ କରି ମାଟିକୁ ଆବୃତ ରଖି ମୃତ୍ତିକା କ୍ଷୟ କମ୍ କରନ୍ତୁ । ଜମି ଖାଲି ରଖିଲେ ବର୍ଷାଜଳ ଦ୍ୱାରା ମୃତ୍ତିକା କ୍ଷୟ ହୋଇଥାଏ । ବର୍ଷସାରା ଶତ ପ୍ରତିଶତ ମୃତ୍ତିକାକୁ ଘୋଡାଇବା ବା ଆବରଣର ବ୍ୟବସ୍ଥା କରିବା ସହିତ ସ୍ୱଳ୍ପ ଚାଷ କାମ କରି ଫସଲ ଅବଶିଂଷ୍ଟାଶକୁ ମୃତ୍ତିକା ଉପରେ ଧାରଣ କରାନ୍ତୁ । ଏହା ଛଡା ନିୟନ୍ତ୍ରିତ ସମୟ ଓ ଯୋଜନା ଭିତ୍ତିରେ ଚାରଣର ସୁଯୋଗ ଦେଲେ ମୃତ୍ତିକା କ୍ଷୟ କମ୍ ହୋଇଥାଏ ।
- ଖର୍ଚ୍ଚ ବହୁଳ ଜୀବାଂଶ ଜାଳେଣି ଦ୍ରବ୍ୟ, ଅଣଜୈବିକ ସାର ଓ କୀଟନାଶକ ଉପରେ ଖୁବ୍ କମ୍ ନିର୍ଭରଶୀଳ ହେବା ଇତ୍ୟାଦି ।

## ଆମର ଶପଥ

ଜିଲ୍ଲାର ଚାଷୀଭାଇ ଭଉଣୀମାନଙ୍କୁ ଅନୁରୋଧ ନିଜ ନିଜ ଜମିରୁ ମାଟିର ନମୁନା ସଂଗ୍ରହ କରି ଜଗତପୁରରେ ଥିବା ଜିଲ୍ଲା ମୃତ୍ତିକା ପରୀକ୍ଷାଗାର ଅଥବା ଭୁବନେଶ୍ୱରରେ ଅବସ୍ଥିତ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ମୃତ୍ତିକାର ପରୀକ୍ଷା କରାନ୍ତୁ । ନମୁନା ସଂଗ୍ରହ ବିଷୟରେ ସବିଶେଷ ତଥ୍ୟ ପାଇଁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବା ଜିଲ୍ଲା ରସାୟନବିତ୍‌ଙ୍କ ସହ ପରାମର୍ଶ କରନ୍ତୁ । ପରୀକ୍ଷା ଫଳାଫଳ ଅନୁସାରେ ସନ୍ତୁଳିତ ଭାବରେ ଉଭୟ ଜୈବିକ ଓ ରସାୟନିକ ସାର ପ୍ରୟୋଗ କରି ଆଶାନୁରୂପ ଅମଳ ପାଇବା ସଙ୍ଗେସଙ୍ଗେ ଲାଭବାନ୍ ହୁଅନ୍ତୁ ତଥା ଅଗାମୀ ପିଢି ଓ ନିରନ୍ତର କୃଷି ପାଇଁ ମାଟିର ଉର୍ବରତାକୁ ସଂରକ୍ଷିତ ରଖନ୍ତୁ । ଆଜିର ପରିପ୍ରେକ୍ଷୀରେ ମୃତ୍ତିକାର ସୁପରିଚାଳନା ଓ ମୃତ୍ତିକା ସମ୍ବନ୍ଧୀୟ ଜ୍ଞାନ ଆହରଣ କରି ଆମର ଅମୂଲ୍ୟ ସମ୍ପଦକୁ ରକ୍ଷା କରିବା ସହିତ ମୃତ୍ତିକାକୁ ସୁସ୍ଥ ରଖିବା ପାଇଁ ଯତ୍ନବାନ ହେବା ନିତାନ୍ତ ଆବଶ୍ୟକ । ଅତଏବ ମାନବ ସମାଜର ଖାଦ୍ୟ, ପାଣି ଓ ଶକ୍ତି ନିରାପତ୍ତା ନିମନ୍ତେ ବିଶ୍ୱସ୍ତରରେ ମୃତ୍ତିକା ସମ୍ବଳର ସଂରକ୍ଷଣ ତଥା ବୈଜ୍ଞାନିକ ପରିଚାଳନା ଜରୁରୀ ।

ପୃଷ୍ଠା ବିନ୍ୟାସ : ବିଭୂତି ଭୂଷଣ ପଲେଇ
ଫଟୋଗ୍ରାଫି : ଅରବିନ୍ଦ ବିଶୋଇ

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ :**
କାର୍ଯ୍ୟକ୍ରମ ସଂଯୋଜକ
**କୃଷି ବିଜ୍ଞାନ କେନ୍ଦ୍ର କଟକ, ସନ୍ଥପୁର**
**ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ**
ଫୋନ୍ : ୦୬୭୧- ୨୧୧୭୨୫୮, Email : kvkcuttack@gmail.com